ବିଶେଷ ଅଧିକାରୀ ଏବଂ ପ୍ରତିଦ୍ୱନ୍ଦ୍ୱିତା କର୍ତ୍ତୃପକ୍ଷ

ୟୁ.ଏଲ୍.ସି. ଏବଂ ଅନ୍ୟଜଣେ

ବନାମ

ପି.ଏସ୍. ରାଓ

ଅଗଷ୍ଟ 28, 2000,

[ଏମ୍. ଜଗନ୍ନାଧ ରାଓ ଏବଂ ଡୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

ସହରାଞ୍ଚଳ ସୀମା ନିର୍ଦ୍ଧାରଣ ଏବଂ ବିନିୟମ ଅଧିନିୟମ, 1976:

ଏସ୍ ଏସ୍ 10 ଏବଂ 20 -ଅତିରିକ୍ତ ଜମି-ରାଜ୍ୟରେ ନ୍ୟସ୍ତ କରିବା- ତା 31.10.1998 ରିଖର ଜି. ଓ - ନ୍ୟସ୍ତ ଆଦେଶ ସତ୍ତ୍ୱେ ଭୂମି ମାଲିକଙ୍କୁ ଛାଡ ପାଇବାର ସ୍ୱାଧୀନତା -ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜି.ଓକୁ  ସମର୍ଥନ - ଯେଉଁ ଜମି ଦଖଲ ସମ୍ପର୍କରେ ସ୍ପଷ୍ଟୀକରଣ ପାଇଁ ଆବେଦନ ଗ୍ରହଣ କରାଯାଇ ନାହିଁ - ଦର୍ଶାଯାଇଛି, ଉଚ୍ଚନ୍ୟାୟାଳୟ ସ୍ପଷ୍ଟ ଭାବରେ ଏହି ସ୍ଥିତିକୁ ବ୍ୟାଖ୍ୟା କରି କହିଛନ୍ତି ଯେ, ଜି.ଓ ଅନୁଯାୟୀ ପ୍ରଦାନ କରାଯାଇଥିବା ଛାଡ଼ ଯେକୌଣସି ଅତିରିକ୍ତ ଜମି ପ୍ରତି ଆକର୍ଷିତ ହେବ ଯାହା ବିଷୟରେ ଅତି କମରେ  ଅଧ୍ୟାୟ III ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଶେଷ ହୋଇନାହିଁ ।

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଆଇ ଏ ସଂଖ୍ୟା 2

ଏଥିରେ

ବିଶେଷ ଅନୁମତି ଆବେଦନ (C) ସଂଖ୍ୟା 1662/2000

ଆବେଦନକାରୀଙ୍କ ପାଇଁ ପି.ପି.ରାଓ, ବି.ଶ୍ରୀଧର, ୱାଇ ସୁବ୍ବା ରାଓ, ସୁଶ୍ରୀ ଏଲ୍.ଏସ୍.ପି. ରୁପା ଏବଂ କେ. ରାମ କୁମାର ।

ଉତ୍ତରଦାତାଙ୍କ ପାଇଁ ସି .ଭୀମରାଓ ନାୟକ,ସି. ହନୁମନ୍ତ ରାଓ ଏବଂ ଏସ୍. ଉଦୟ କୁମାର ସାଗର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏକ ଯୁକ୍ତିଯୁକ୍ତ ଆଦେଶ ଦ୍ୱାରା ଏସ୍.ଏଲ୍.ପି.କୁ ଖାରଜ କରୁଥିବା ଏହି ନ୍ୟାୟାଳୟଙ୍କ ଦ୍ୱାରା 17.01.2000 ରେ ପାରିତ ଆଦେଶରେ, ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, (ସହରାଞ୍ଚଳ ଜମି

ସୀମା ଏବଂ ନିୟାମକ)ଅଧିନିୟମ, 1976ରେ ବ୍ୟବସ୍ଥା ଅନୁଯାୟୀ ଏକ ନ୍ୟସ୍ତ ଆଦେଶ ପାରିତ ହେବା ସତ୍ତ୍ୱେ, ଏହି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଛାଡ଼ ମାଗିବା ପାଇଁ ଜମି ମାଲିକଙ୍କ ପାଇଁ ଏହା ମୁକ୍ତ ରହିବ ।  ସେହି ମାମଲାର ତଥ୍ୟ ଅନୁଯାୟୀ, ସରକାର 05.10.87 ରେ ନ୍ୟସ୍ତ ଆଦେଶ ପରେ 31.10.88 ରେ ଜାରି କରିଥିବା ଛାଡ଼ ପ୍ରଦାନକାରୀ ଜି.ଓ. 16.04.88ରେ ସରକାରଙ୍କ ଦ୍ୱାରା ସମର୍ପଣ ପାଇଁ ବିଜ୍ଞପ୍ତି  ଜାରି କରାଯାଇଥିଲା ଏବଂ 31.10.1988ରେ ଜି.ଓ. ପ୍ରଦାନକାରୀ ଛାଡ ପ୍ରଦାନ କରାଯାଇଥିଲା । ବିଜ୍ଞ ଏକକ ବିଚାରପତି ଏବଂ ଖଣ୍ଡପୀଠ କହିଛନ୍ତି ଯେ, ନ୍ୟସ୍ତ ଆଦେଶ ପାରିତ ହୋଇଥିଲେ ମଧ୍ୟ ଉତ୍ତରଦାତାଙ୍କ ଦ୍ୱାରା ଜି.ଓ.ର ସୁବିଧା ନିଆଯାଇପାରିବ । ଉପରୋକ୍ତ 17.1.2000 ତାରିଖର ରାୟ ବିରୁଦ୍ଧରେ ଏହି ନ୍ୟାୟାଳୟ ଏହି ଆଦେଶକୁ ବଜାୟ ରଖିଥିଲେ ।

ସ୍ପଷ୍ଟୀକରଣ ପାଇଁ ବର୍ତ୍ତମାନର ଆବେଦନ ଆନ୍ଧ୍ର ପ୍ରଦେଶ ରାଜ୍ୟ ଦ୍ୱାରା ଏହି ସ୍ଥିତି ସ୍ପଷ୍ଟ କରିବା ପାଇଁ ଦାଖଲ କରାଯାଇଛି ଯେ, ଯଦି ଦଖଲ ନିଆଯାଇ ନଥିଲା, ତେବେ ନ୍ୟସ୍ତ ଆଦେଶ ଅନୁଯାୟୀ, ଜମିର ମାଲିକଙ୍କର ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଜି.ଓ ଅନୁଯାୟୀ ଧାରା 20 ଅଧୀନସ୍ଥ ଅଧିନିୟମ କିମ୍ବା ଧାରା 10 ଅଧୀନରେ ଛାଡ ମାଗିବା ଅଧିକାର ଥିଲା ।

ଏହା ଲକ୍ଷ୍ୟ କରାଯିବ ଯେ, ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ ଆଦେଶରେ ଏହି ସ୍ଥିତି ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି । ବିଚାରପୀଠ କହିଛନ୍ତି ଯେ "ଛାଡ଼ ଆଦେଶର ପୂର୍ବ ନିରୀକ୍ଷଣର ପ୍ରଶ୍ନ ପ୍ରକୃତରେ ଅଧିନିୟମ ଅଧ୍ୟାୟ III ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ବିଚାରାଧୀନ ଅଛି ଏହି କାରଣରୁ ଉତ୍ପନ୍ନ ହୁଏ ନାହିଁ ଯେ, ଅନ୍ତିମ ପର୍ଯ୍ୟାୟ ସ୍ଥିର କରାଯାଇପାରେ" । ଖଣ୍ଡପୀଠ ଆହୁରି ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ :

> " ଯାହା ହେଉ, ଏହି ମାମଲାରେ, ସାଧାରଣ ପ୍ରକୃତିର ଛାଡ଼ ଆଦେଶ ଧାରା 20 (1)(A) ଅଧୀନରେ ଅଛି, ଏବଂ ଏହା ଧାରା 20 (1)(A) ଅନୁଯାୟୀ ନ୍ୟସ୍ତ ଆଦେଶ ପରେ ଜାରି କରାଯାଇଥିଲା । ଏହି ଅଧିନିୟମ 10(3) ପ୍ରକାଶିତ ହୋଇଥିଲା । ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଏହି ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ଭାବେ ନିର୍ଦ୍ଧାରିତ ପ୍ରସ୍ତାବଟି ନ୍ୟସ୍ତ ହେବା ପରେ ମଧ୍ୟ ଏହି ଛାଡ଼ ପ୍ରଦାନ କରାଯାଇପାରିବ, ତେଣୁ ଯେଉଁ ପର୍ଯ୍ୟନ୍ତ ତୃତୀୟ ଅଧ୍ୟାୟ ଅଧୀନରେ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇନାହିଁ, ସେ ପର୍ଯ୍ୟନ୍ତ ଏପରି ଛାଡ଼ର ପ୍ରଭାବ ଅଧିନିୟମ ପରିସରରୁ ଜମିକୁ ବାହାର କରିନେବାର କୌଣସି କାରଣ ନାହିଁ ।
>
> ଖଣ୍ଡପୀଠ ଆହୁରି ନିମ୍ନମତେ ମନ୍ତବ୍ୟ ଦେଇଛନ୍ତି :

" ଏହା ଆଉ ଏକ ବିଚାର, ଯାହା ନ୍ୟାୟାଳୟଙ୍କ ବିଚାରକୁ ଗୁରୁତ୍ୱ ଦେଇଥାଏ ଯେ, ଜି. ଓ. 733 ଅଧୀନରେ ଦିଆଯାଇଥିବା ଛାଡ଼ ଯେକୌଣସି ଅତିରିକ୍ତ ଜମି ପ୍ରତି ଆକର୍ଷିତ ହେବ ଯାହା ସମ୍ବନ୍ଧରେ ଅନ୍ତତଃ ତୃତୀୟ ଅଧ୍ୟାୟ ଅଧୀନରେ କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ ।

ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ଦ୍ୱାରା ଉପରୋକ୍ତ ଉଦ୍ଧୃତ ମତକୁ ଆମେ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରୁଛୁ ।

ତଥାପି, ଆମେ ଏପରି ଏକ ପରିସ୍ଥିତି ନିର୍ଦ୍ଧାରିତ କରୁନାହୁଁ ଯେଉଁଠାରେ ଦଖଲ ଗ୍ରହଣ କରାଯାଇଛି ଏବଂ ଯେଉଁଠାରେ ତୃତୀୟ ପକ୍ଷ ଅଧିକାର ହସ୍ତକ୍ଷେପ କରିନାହାଁନ୍ତି ।

ଉପରୋକ୍ତ ସ୍ପଷ୍ଟୀକରଣ ସହିତ, ଆଇ ଏ ର ପରିସମାପ୍ତି ଘଟିଛି ।

ଆର୍.ପି. ଆଇ.ଏ ପରିସମାପ୍ତ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦିକା :ଶୁଭଶ୍ରୀ ମିଶ୍ର**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**